# ତହସିଲ କାର୍ଯ୍ୟାଳୟ ,ତରଭା ଜି . ସୁବର୍ଣ୍ଣପୁର

## (ଦୀର୍ଘ ମିଆଦି ଲଘୁ ଖଣିଜ ଲିଜ ନିମନ୍ତେ ନିଲାମ ଇସ୍ତାହାର )

ସଂଖ୍ୟା  ୫୭  ତାରିଖ . ୦୯ .୦୧ .୨୦୧୯

ଏତଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାର ଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ସୁବର୍ଣ୍ଣପୁର ଜିଲ୍ଲା ର ତରଭା ତହସିଲ ଅନ୍ତର୍ଗତ ନିମ୍ନ ବର୍ଣ୍ଣିତ ସଇରାତ ଉସ୍ର ଗୁଡିକ (ଲଘୁଖଣିଜ) ଆଗାମୀ ପାଞ୍ଚ ବର୍ଷ ପାଇଁ (୨୦୧୯ -୨୦୨୦ ଠାରୁ ୨୦୨୪ -୨୦୨୫ ବର୍ଷ ) ଦୀର୍ଘ ମିଆଦି ଲିଜ ସୂତ୍ରେ ଲିଜ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ ଓଡିଶା ଲଘୁ ଖଣି ଦ୍ରବ୍ୟ ଜନିତ OMMC rule 2016 ର ନିର୍ଦ୍ଧାରିତ ଦରଖାସ୍ତ ଫରମ (FORM-M) ପୂରଣ କରି ଏହାର ତିନି କିତା ସହ ନିମ୍ନ ଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପା ( Sealed Cover) ମଲାଟ ରେ ଉସ୍ର ର ନାମ ଓ କେସ ନମ୍ବର ଲେଖା ଥାଇ ତହସିଲଦାର ତରଭା ଙ୍କ କାର୍ଯ୍ୟାଳୟ ଠାରେ ଅବସ୍ଥାପିତ ବାକ୍ସ ରେ ଆସନ୍ତା ତା ୧୧ .୦୧ . ୨୦୧୯ ଠାରୁ ୨୫ .୦୧ .୨୦୧୯ ( ଦିବା ୫ .୦୦ ଘଟିକା ) ମଧ୍ୟ ରେ କାର୍ଯ୍ୟ ଦିବସ ରେ (ଛୁଟି ଦିନ ବ୍ୟତୀତ ) ଆବେଦନ ପତ୍ର ଦାଖଲ କରିବେ । ଲିଜ ଦରଖାସ୍ତକାରି କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧି ଙ୍କ ଉପସ୍ଥିତି ରେ ତା ୨୮ .୦୧ .୨୦୧୯ ଦିନ ୧୧ .୦୦ ଘଟିକା ସମୟ ରେ ନିଲାମ ବାକ୍ସ ଖୋଲାଯାଇ ତନଖି କରାଯାଇ ଯୋଗ୍ୟ ଲିଜ ଧାରୀ ଚୟନ କରାଯିବ । ଅସମ୍ପୂର୍ଣ୍ଣ ଆବେଦନପତ୍ର ଗ୍ରହଣ ଯୋଗ୍ୟ ହେବନାହିଁ । ଯେଉଁ ଉସ୍ର ଗୁଡିକ ରେ ଯୋଗ୍ୟ ଲିଜଧାରୀ ଚୟନ କରାଯାଇପାରିବ ନାହିଁ ,ସେଗୁଡିକୁ ଦ୍ୱିତୀୟଥର ତା ୨୯ .୦୧ .୨୦୧୯ ଏବଂ ତୃତୀୟଥର ତା ୩୧ .୦୧ .୨୦୧୯ ର ୫.୦୦ ଘଟିକା ପର୍ଯ୍ୟନ୍ତ ଦରଖାସ୍ତ ଗ୍ରହଣ କରାଯାଇ ତତ ପରଦିନ ଗୁଡିକରେ ୧୧.୦୦ ଘଟିକା ରେ ବାକ୍ସ ଖୋଲାଯାଇ ତନଖି କରାଯାଇ ଯୋଗ୍ୟ ଲିଜଧାରୀ ଚୟନ କରାଯିବ । କୌଣସି କ୍ଷେତ୍ର ରେ ଦରଖାସ୍ତକାରୀ ଙ୍କ ନିଲାମ ମୂଲ୍ୟ ଉଲ୍ଲେଖିତ ନିମ୍ନ ତମ **ଅତିରିକ୍ତ** ଦେୟ ରାଶି (ରୟାଲିଟି ର ୫% )ରୁ କମ ହେଲେ ଦରଖାସ୍ତ ଗ୍ରହଣ ଯୋଗ୍ୟ ହେବନାହିଁ । ଦରଖାସ୍ତ କାରୀ ଙ୍କ ଦ୍ୱାରା ମୂଲ୍ୟାଙ୍କିତ ସର୍ବାଧିକ **ଅତିରିକ୍ତ** ଦେୟ ରାଶି ଭିର୍ତ୍ତି ରେ ଚୟନ କରାଯିବ । ଇସ୍ତାହାର ସମନ୍ଧୀୟ ସମସ୍ତ ବିବରଣୀ ତହସିଲଦାର ,ତରଭା , ତରଭା ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରିକ୍ଷକ ଙ୍କ କାର୍ଯ୍ୟଳୟ ଏବଂ ସୁବର୍ଣ୍ଣପୁର ଜିଲ୍ଲା ୱେବ www.subarnapur.nic.in ରେ ଉପଲବ୍ଧ ହେବ । ଜିଲ୍ଲା ପ୍ରଶାସନ କୌଣସି ନିର୍ଦ୍ଦିଷ୍ଟ କାରଣ ନ ଦର୍ଶାଇ ଲିଜ କୁ ସ୍ଥଗିତ /ରଦ୍ଦ କରିପାରିବେ ।

ତହସିଲଦାର ,ତରଭା

ଲଘୁ ଖଣି ଗୁଡିକ ର ସମ୍ପୂର୍ଣ ବିବରଣୀ

| କ୍ର.ସଂଖ୍ୟା | ମୌଜା ଓ ଉତ୍ସ ର ନାମ | କେସ ନ . | ଖାତା ନ | ପ୍ଲଟ ନ | କିସମ | ରକବା (ଏକର) | ରୟାଲଟି ଦେୟ | ନିମ୍ନତମ ଅତିରିକ୍ତ ଦେୟ |
|---|---|---|---|---|---|---|---|---|
| 1. | ତୁଲୁଣ୍ଡା ବାଲି ଖାଦାନ | ୩/୨୦୧୫ | ୨୯୯ | ୦୧ | ଜୋର | ୨୦.୮୫୦ | ୩୫.୦୦ | ୨.୦୦ |
| 2. | ନର୍ଡା ପଥର ଖାଦାନ | ୯/୨୦୧୫ | ୧୭୧ | ୩୯୯ | ପଥରବଣୀ | ୦.୫୬୦ | ୧୩୦.୦୦ | ୭.୦୦ |
| 3. | ବନ୍ଧ ଖୋଲ ପଥର ଖାଦାନ | ୮/୨୦୧୫ | ୬୬ | ୧୬୬ | ପଥରବଣୀ | ୦.୬୫୦ | ୧୩୦.୦୦ | ୭.୦୦ |
| | | | | ୨୧୮ | ପଥରବଣୀ | ୧.୦୧୦ | | |
| 4. | ଖୁଣ୍ଟବନ୍ଧ ପଥର ଖାଦାନ | ୧୧/୨୦୧୫ | ୧୭୨ | ୦୬ | ପଥରବଣୀ | ୫.୦୦୦ | ୧୩୦.୦୦ | ୭.୦୦ |
| 5. | ମେଣ୍ଡା ପଥର ଖାଦାନ | ୨୪/୨୦୧୫ | ୦୨ | ୧୨୦ | ପଥରବଣୀ | ୧.୮୬୦ | ୧୩୦.୦୦ | ୭.୦୦ |
| | | | | ୧୨୫ | ପଥରବଣୀ | ୧.୨୪୦ | | |
| 6. | ଅର୍ଡା(ରାନୀସର୍ଡା)ବାଲି ଖାଦାନ | ୨୬/୨୦୧୫ | ୩୭୨ | ୨୫୫୭ | ନାଳ | ୧୫.୦୦୦ | ୩୫.୦୦ | ୨.୦୦ |
| 7. | ପାଇକବାହାଲ (ଜ) ପଥର ଖାଦାନ | ୨୮/୨୦୧୫ | ୦୪ | ୧୪୭ | ପଥରବଣୀ | ୪.୫୨୦ | ୧୩୦.୦୦ | ୭.୦୦ |
| 8. | ଫଟାମୁଣ୍ଡା (ଜ) ପଥର ଖାଦାନ | ୨୯/୨୦୧୫ | ୦୬ | ୧୪ | ପଥରବଣୀ | ୦.୫୨୦ | ୧୩୦.୦୦ | ୭.୦୦ |
| 9. | ରାନୀସର୍ଡା(ଜ) ପଥର ଖାଦାନ | ୩୩/୨୦୧୫ | ୦୩ | ୧୭ | ପଥରବଣୀ | ୦.୫୮୦ | ୧୩୦.୦୦ | ୭.୦୦ |
| 10. | ରାନୀସର୍ଡା ବାଲି ଖାଦାନ | ୩୪/୨୦୧୫ | ୪୩୪ | ୧୬୦୪ | ନଦୀ | ୧୫.୦୦୦ | ୩୫.୦୦ | ୨.୦୦ |
| 11. | କୁମୁଣ୍ଡେ ବାଲି ଖାଦାନ | ୩୬/୨୦୧୫ | ୨୧୬ | ୧୫୯୭ | ନଦୀ | ୧୨.୫୦୦ | ୩୫.୦୦ | ୨.୦୦ |
| 12. | ଭୂରାଡ ବାଲି ଖାଦାନ | ୪/୨୦୧୮ | ୧୭୨ | ୧୦୧୪ | ନଦୀ | ୧୩.୦୦୦ | ୩୫ .୦୦ | ୨.୦୦ |
| 13. | କମସରା (ଜ ) ପଥର ଖାଦାନ | ୭ /୨୦୧୮ | ୨ | ୧ | ପର୍ବତ | ୩.୨୪୦ | ୧୩୦.୦୦ | ୭.୦୦ |

ତହସିଲଦାର ତରଭା

**ଦରଖାସ୍ତ ସମନ୍ଧୀୟ ଅବଶ୍ୟକୀୟ କାଗଜାତ : -**

୧। ଦରଖାସ୍ତ ପାଉଣା ବାବଦ ଟ .୧୦୦୦ .୦୦ (ଏକ ହଜାର )ମାତ୍ର (ଅଣଫେରସ୍ତ ) ର ଟ୍ରେଜେରୀ ଚଲାଣ (Head of account-0853-non ferrous Mining and Metallurgical-102-Mineral Concession Fees, Rent and Royalties)

୨। କୌଣସି ସରକାରୀ ଦେୟ ବକେୟା ନଥିବା ସମ୍ବନ୍ଧେ ଏକ ସତ୍ୟପାଠ ପ୍ରଦାନ କରିବେ ।

୩। ପ୍ରସ୍ତାବିତ ଉତ୍ସ ର ଚୌହାଡୀ ର ସମ୍ପୂର୍ଣ ବିବରଣୀ (ଉତ୍ସ କୁ ପରିଦର୍ଶନ କରି ତହସିଲ ନକ୍ସା ସହ ମେଳ କରି ଦରଖାସ୍ତ ରେ ସଂଲଗ୍ନ କରିବେ ।

୪। ଅମାନତ ରାଶି ଟ .୧୦,୦୦୦ (ଦଶ ହଜାର )ମାତ୍ର ଚୁଡାନ୍ତ ଚୟନ ହେଲେ ଦରଖାସ୍ତ କାରୀ ଉକ୍ତ ଦିନ ଚେକ /ଡ୍ରାଫ୍ଟ ଆକାର ରେ ପ୍ରଦାନ କରିବାକୁ ହେବ ।

୫। ସ୍ଥାବର ଅସ୍ଥାବର ସମ୍ପର୍ତି ସମନ୍ଧୀୟ ପ୍ରମାଣ ପତ୍ର (Solvency Certificate) ଦରଖାସ୍ତ କାରୀ ଦାଖଲ କରିବେ ।

୬ । ଆୟ କର ସମ୍ପର୍କିତ ନିକାସି ପ୍ରମାଣପତ୍ର ଦରଖାସ୍ତ ରେ ସଂଲଗ୍ନ କରିବେ ।

୭ । ଦରଖାସ୍ତ କାରୀ ଆଧାର କାର୍ଡ ,ପାନ କାର୍ଡ ଦରଖାସ୍ତ ରେ ସଂଲଗ୍ନ କରିବେ ।

ତହସିଲଦାର ,ତରଭା

ପରିପତ୍ର ସଂଖ୍ୟା ୫୮ ତାରିଖ ୦୯ .୦୧ .୨୦୧୯

ଏହାର ଏକ ନକଲ ତହସିଲ ନୋଟିସ ବୋର୍ଡ /ସମସ୍ତ ରାଜସ୍ୱ ନିରିକ୍ଷକ / ସମସ୍ତ ଗ୍ରାମପଞ୍ଚାୟତ ଅଧିକାରୀ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର ,ତରଭା

ପରିପତ୍ର ସଂଖ୍ୟା ୫୯ ତାରିଖ ୦୯ .୦୧ .୨୦୧୯

ଏହାର ଏକ ନକଲ ଜିଲ୍ଲାପାଳ ,ସୁବର୍ଣପୁର / ଉପ ଜିଲ୍ଲାପାଳ ,ସୋନପୁର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର ,ତରଭା

ପରିପତ୍ର ସଂଖ୍ୟା ୬୦ ତାରିଖ ୦୯ .୦୧ .୨୦୧୯

ଏହାର ଏକ ନକଲ ଗୋଷ୍ଠି ଉନ୍ନୟନ ଅଧିକାରୀ ,ତରଭା /ନିର୍ବାହୀ ଅଧିକାରୀ ,ବିଜ୍ଞପିତ ପରିଷଦ ,ତରଭା ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର ,ତରଭା

ପରିପତ୍ର ସଂଖ୍ୟା ୬୧ ତାରିଖ ୦୯ .୦୧ .୨୦୧୯

ଏହାର ଏକ ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ , NIC ,ସୁବର୍ଣପୁର ଙ୍କ ଅବଗତି ତଥା ଇସ୍ତାହାର ର ଏକ ନକଲ ସଂଲଗ୍ନ କରାଯାଇ ସୁବର୍ଣପୁର ଜିଲ୍ଲା ୱେବ www.subarnapur.nic.in ରେ ବିଜ୍ଞାପିତ କରିବା ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର ,ତରଭା